ଗୌଣ୍ଡିଆ ରଥଯାତ୍ରାରେ ଛେରାପହଁରା କରନ୍ତି । ଖୋର୍ଦ୍ଧା ଜିଲ୍ଲା ମାଣିକ ଗୋଡ଼ା ଗ୍ରାମର ମୁସଲମାନ ଦଳବେହେରା ସାର୍ବଜନୀନ ଦୁର୍ଗାପୂଜା ସମୟରେ ହୋମ କର୍ମରେ କୁଶବଟ ଧାରଣ କରି ପୌରହିତ୍ୟ କରନ୍ତି । କାଇପଦର ଗ୍ରାମର ବୁଖାରି ବାବାଙ୍କ ନିକଟରେ ହିନ୍ଦୁ ଓ ମୁସଲମାନ ନିଜର ଭକ୍ତି ଅର୍ଘ୍ୟ ଅର୍ପଣ କରନ୍ତି । ଏଥିରୁ ପ୍ରମାଣିତ ହୁଏ ସାଂପ୍ରଦାୟିକ ସଦ୍‌ଭାବରେ ଓଡ଼ିଶା ସର୍ବଦା ନେତୃତ୍ୱ ନେଇ ଆସିଛି । ମନ୍ଦିର ସଂସ୍କୃତିର ସର୍ବାଧିକ ଗୁରୁତ୍ୱ ବହନ କରିଥାଏ ଓଡ଼ିଶା । ଶ୍ରୀଜଗନ୍ନାଥ ମନ୍ଦିର, ଶ୍ରୀଲିଙ୍ଗରାଜ ମନ୍ଦିର, କୋଣାର୍କର ସୂର୍ଯ୍ୟ ମନ୍ଦିର, ଗନ୍ଧମାର୍ଦ୍ଦନ ପର୍ବତର ଦୁଇ ପାର୍ଶ୍ୱରେ ଥିବା ହରି ଶଙ୍କର ମନ୍ଦିର, ନୃସିଂହ ନାଥ ମନ୍ଦିର, ରାଣିପୁର ଝରିଆଲ ଓ ହରିପୁରର ଚୌଷଠି ଯୋଗିନୀ ମନ୍ଦିର ପ୍ରଭୃତି ଆମ ମନ୍ଦିର ସଂସ୍କୃତିର ଚରମ ନିଦର୍ଶନ ଅଟେ । ନୃତ୍ୟ, ଗୀତ, ସଂଗୀତ, ଲୋକ କଳା ପ୍ରଭୃତିରେ ଓଡ଼ିଶା ଯଥେଷ୍ଟ ସୁନାମ ଅର୍ଜନ କରି ଅଛି । ପାଲା, ଦାସକାଠିଆ ଘୋଡ଼ା ନାଚ, ଛଉ ନୃତ୍ୟ, ଘୁମୁରା, ଡ଼ାଲଖାଇ, ରସର କେଳି, ଗୋଟିପୁଅ ନୃତ୍ୟ ପ୍ରଭୃତି ଓଡ଼ିଶା ସାଂସ୍କୃତିକ ବିଭାଗର ଗୋଟେ ଗୋଟେ ଅଙ୍ଗ । ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଓଡ଼ିଶାରେ ଚିଲିକା, ଚନ୍ଦ୍ରଭାଗା, କୋଣାର୍କ, ପୁରୀ, ଗୋପାଳପୁର ଭଳି ବିସ୍ତୀର୍ଣ୍ଣ ବେଳାଭୂମି ଅବସ୍ଥିତ । ଚନ୍ଦକା, ସିମିଳିପାଳ. ଟିକରପଡ଼ା ପ୍ରଭୃତି ଅଭୟାରଣ୍ୟ ଜୈବ ବିବିଧତାର ବର୍ଣ୍ଣାଳୀ ସୃଷ୍ଟି କରେ । ନଦୀ ବହୁଳ ରାଜ୍ୟ ଓଡ଼ିଶା । ମହାନଦୀ, ଋଷିକୂଲ୍ୟା, ବୈତରଣୀ, ବୁଢାବଳଙ୍ଗ, ସୁବର୍ଣ୍ଣରେଖା, କାଠଯୋଡ଼ି, କୁଆଖାଇ ପ୍ରଭୃତି ନଦୀ ଓଡ଼ିଶାର ଜୀବନରେଖା । ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଲାଭ କରି ଏ ଜାତିକୁ ଗୌରବାନ୍ୱିତ କରିଅଛି । ପବିତ୍ର ଉତ୍କଳ ଦିବସ ଅବସରରେ ପ୍ରତ୍ୟେକ ଓଡ଼ିଆ ନିଜର ଅତୀତ ଗୌରବମୟ ସ୍ୱାଭିମାନକୁ ଶ୍ରଦ୍ଧାର ସହିତ ସ୍ମରଣ କରିବା ବିଧେୟ । ଜଣେ ଓଡ଼ିଆ ଭାବେ ନିଜକୁ ଗର୍ବ ଅନୁଭବ କରିବା ଉଚିତ । ପବିତ୍ର ଉତ୍କଳ ଦିବସର ଅନୁଚିନ୍ତା ହେଉ ନିଜକୁ ଓଡ଼ିଆ ଜାତିପ୍ରତି ସମର୍ପିତ କରିବା ।

ଇତିହାସ ବିଭାଗ
ସନାତନ ହରିଚନ୍ଦନ ମହାବିଦ୍ୟାଳୟ
ମଦନପୁର, ଖୋର୍ଦ୍ଧା–୭୫୨୦୫୪

# ଉତ୍କଳ ଦିବସ

**ପଣ୍ଡିତ ଚକ୍ରଧର ଦାଶ**

ଅପ୍ରେଲ ମାସର ପ୍ରଥମ ଦିନଟି ଅତି ହିଁ ପବିତ୍ର ଦିନ
ଆମ ଜନ୍ମଭୂମି ଉତ୍କଳ ଜନନୀ ହେଲା ସେ ଦିନରେ ଜନ୍ମ ।
ସୁଜଳା, ସୁଫଳା ବନଗିରି ଭରା ଆମ ଏ ଜନ୍ମଭୂମି
ଏପରି ତ ଦେଶ ସାରା ଜଗତରେ ଖୋଜିଲେ ବି ମିଳିବନି ।
ଏ ଦେଶର ମାଟି ଅତି ହିଁ ପବିତ୍ର ସ୍ୱର୍ଗଠାରୁ ଗରିୟସୀ
ଜଗନ୍ନାଥ ପ୍ରଭୁ ରହନ୍ତି ଯେଉଁଠି ସ୍ୱର୍ଗଛାଡି ଏଠି ଆସି ।
ଏ ଦେଶ ସାଧବ ପୁଅ ଯାଉଥିଲେ ବିଦେଶେ ବାଣିଜ୍ୟ କରି
କେତେ ଧନରତ୍ନ ଅମୂଲ୍ୟ ସମ୍ପଦ ବିଦେଶୁ ଆଣିଲେ ଧରି ।
ଏ ଦେଶର ଶିଳ୍ପୀ ମନ୍ଦିର ଗାତ୍ରରେ ଗଢ଼ି କେତେ ଶିଳ୍ପରାଜି
ପୁରୀ–କୋଣାରକ ଭୁବନେଶ୍ୱର ବିଶ୍ୱେ ବିଖ୍ୟାତ ଆଜି ।
ଏ ଦେଶ ସନ୍ତାନ ଜୟ କରିଥିଲେ ଗଙ୍ଗାଠାରୁ ଗୋଦାବରୀ
ଶୌର୍ଯ୍ୟ ବୀର୍ଯ୍ୟରେ ଶିଳ୍ପ ବାଣିଜ୍ୟରେ କିଏ ହେବ ତା'ର ସରି ।
ଆମ ଜନ୍ମଭୂମି ବୀର ପ୍ରସବିନୀ ସାଧୁସନ୍ଥ ଜନ୍ମଦାତ୍ରୀ
କେତେ ବୀର, କବି, ଦେଶସେବକ, ତା'ଠୁଁ ଜନ୍ମ ନେଇଛନ୍ତି ।
ଅତୀତ ତାହାର ଥିଲା ଭୟଙ୍କର ଥିଲା ସର୍ବସ୍ୱ ହରାଇ
ପଡୋଶୀ ରାଜ୍ୟରେ ମିଶି ଯାଇଥିଲା ଖଣ୍ଡବିଖଣ୍ଡିତ ହୋଇ ।
ଊଣେଇଶି ଶହ ଛତିଶ ମସିହା ଅପ୍ରେଲ ପ୍ରଥମ ଦିନ
ଆମ ଜନ୍ମଭୂମି ଉତ୍କଳ ପ୍ରଦେଶ ସେହି ଦିନୁ ନେଲା ଜନ୍ମ ।
ଆମେତ ସଭିଏଁ ତାହାର ସନ୍ତାନ ସେ ଆମର ଜନ୍ମ ଭୂଇଁ
ପାଳିବାରେ ଆସ ! ଉତ୍କଳ ଦିବସ ମା'ଆର ଚରଣ ଛୁଇଁ ।

ଗୁରୁକୃପା ଭବନ
କଳିଙ୍ଗନଗର–୭, ଭୁବନେଶ୍ୱର